# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 28 December – 2025

**********************************

## ମୁଖ୍ୟ ସମ୍ବାଦ

- ପ୍ରତ୍ୟେକ କ୍ଷେତ୍ରରେ ଯୁବଶକ୍ତିଙ୍କ ଯୋଗଦାନ ବିଶ୍ୱସ୍ତରରେ ଭାରତ ଉପରେ ଆଶା ଓ ବିଶ୍ୱାସକୁ ବୃଦ୍ଧି କରିଛି

— ପାର୍ବତୀ ଗିରିଙ୍କ ଜୀବନୀ ଆଗାମୀ ପିଢ଼ିକୁ ମାର୍ଗଦର୍ଶନ କରିବ; ଆକାଶବାଣୀର ମନ୍ କୀ ବାତ୍‌ରେ କହିଲେ ପ୍ରଧାନମନ୍ତ୍ରୀ

- ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷିତ ହୋଇ ରାଜ୍ୟ ଓ ଦେଶର ବିକାଶରେ ସହାୟକ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

- ବିକଶିତ ଓଡ଼ିଶାର ସ୍ୱପ୍ନକୁ ପୂରଣ କରିବା ପାଇଁ ପାରମ୍ପରିକ କୃଷି ପଦ୍ଧତିରେ ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଏବଂ

- ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଆସନ୍ତାକାଲି ୮୦୦ ବୁଥସ୍ତରୀୟ ଅଧିକାରୀମାନଙ୍କ ସହ କରିବେ ଆଲୋଚନା

# ମନ୍ କି ବାତ୍

ଜାତୀୟ ସୁରକ୍ଷାଠାରୁ ଆରମ୍ଭ କରି କ୍ରୀଡ଼ା, ବିଜ୍ଞାନ ପ୍ରୟୋଗଶାଳା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଚଳିତବର୍ଷ ଦେଶ ଅନେକ ସଫଳତା ହାସଲ କରିଛି ବୋଲି ଆକାଶବାଣୀ ମନ୍ କୀ ବାତ୍‌ର ୧୨୯ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ।

ପ୍ରତ୍ୟେକ କ୍ଷେତ୍ରରେ ଭାରତର ଯୁବଶକ୍ତିଙ୍କ ଯୋଗଦାନ ବିଶ୍ୱସ୍ତରରେ ଦେଶ ଉପରେ ଆଶା ଏବଂ ବିଶ୍ୱାସକୁ ବୃଦ୍ଧି କରିପାରିଛି । ବିଜ୍ଞାନ, ଉଦ୍ଭାବନ ଓ ପ୍ରଯୁକ୍ତିବିଦ୍ୟା ପ୍ରସାର କ୍ଷେତ୍ରରେ ଭାରତର ସଫଳତା ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକୁ ପ୍ରଭାବିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବିକଶିତ ଭାରତ ଯୁବନେତୃତ୍ୱ ଆଲୋଚନାର ଦ୍ୱିତୀୟ ସଂସ୍କରଣର ଆୟୋଜନ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଆସନ୍ତାମାସ ୧୨ ତାରିଖରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମବାର୍ଷିକୀ ଜାତୀୟ ଯୁବ ଦିବସ ପାଳନ ଅବସରରେ ଏହାର ଆୟୋଜନ କରାଯିବ ।

ପ୍ରଧାନମନ୍ତ୍ରୀ କହିଛନ୍ତି, ନିକଟରେ ଶେଷ ହୋଇଥିବା ସ୍ମାର୍ଟ ଇଣ୍ଡିଆ ହାକାଥନ୍ ୨୦୨୫ରେ ୮୦ରୁ ଅଧିକ ସରକାରୀ ବିଭାଗର ୨୭୦ରୁ ଊର୍ଦ୍ଧ୍ୱ ସମସ୍ୟା ସମାଧାନ ଦିଗରେ ଛାତ୍ରଛାତ୍ରୀମାନେ କାର୍ଯ୍ୟ କରିଛନ୍ତି । ବାସ୍ତବିକ୍ ଜୀବନର ଆହ୍ୱାନଗୁଡ଼ିକ ସମ୍ପର୍କରେ  ଏଥିରେ ସମାଧାନ କରାଗଲା ।

ଗତ ୮ ବର୍ଷ ମଧ୍ୟରେ ୧୩ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏବଂ ୬ ହଜାରରୁ ଅଧିକ ସଂସ୍ଥା ସ୍ମାର୍ଟ ଇଣ୍ଡିଆ ହାକାଥନରେ ଅଂଶଗ୍ରହଣ କରିସାରିଛନ୍ତି । ପରବର୍ତ୍ତୀ ପୀଢ଼ି ଭାରତୀୟ ସଂସ୍କୃତିର ମୂଳ ଆଧାର ଭିତ୍ତିରେ ନୂତନ

ଚିନ୍ତାଧାରା ଏବଂ ପଦ୍ଧତିର ସହ ଆଗକୁ ବଢୁଥିବା ନେଇ ପ୍ରଧାନମନ୍ତ୍ରୀ ଆନନ୍ଦ ପ୍ରକାଶ କରିଛନ୍ତି ।

**- V/O -**

ଅପରେସନ ସିନ୍ଦୂର ଚଳିତବର୍ଷ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ପ୍ରତୀକ ପାଲଟିଛି । ସୁରକ୍ଷା ସହିତ ଭାରତ ସାଲିସ୍ କରେ ନାହିଁ ବୋଲି ବିଶ୍ୱକୁ ସ୍ପଷ୍ଟ ବାର୍ତ୍ତା ପ୍ରଦାନ କରିଛି। ସେ କହିଛନ୍ତି, ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ପାଇଁ ପ୍ରତ୍ୟେକ ଦେଶବାସୀ ସମାନ ମନୋଭାବ ଏବଂ ଉତ୍ସାହ ପ୍ରଦର୍ଶନ କରିଛନ୍ତି । **#Vande Mataram150** ପୋର୍ଟାଲରେ ବାର୍ତ୍ତା ଏବଂ ପରାମର୍ଶ ପଠାଇବାକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି ।

କ୍ରୀଡ଼ା ଦୃଷ୍ଟିରୁ ମଧ୍ୟ ଚଳିତବର୍ଷ ଅନେକ ସୁଖଦ ମୁହୂର୍ତ୍ତ ଆଣିଦେଇଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି । ଭାରତୀୟ ପୁରୁଷ କ୍ରିକେଟ୍ ଦଳର ଆଇସିସି ଚମ୍ପିଆନ୍ସ ଟ୍ରଫି ଟାଇଟଲ ହାସଲ, ମହିଳା କ୍ରିକେଟ ଦଳ ପ୍ରଥମଥର ପାଇଁ ବିଶ୍ୱକପ୍ ଜିତିବା ଏବଂ ମହିଳା ଦୃଷ୍ଟିହୀନ କ୍ରିକେଟ୍ ଦଳ ଟି-୨୦ ବିଜୟୀ ହେବା ଇତିହାସ ସୃଷ୍ଟି କରିଛି । ବିଶ୍ୱ ଚାମ୍ପିୟନସିପ୍ ପ୍ରତିଯୋଗିତାରେ ପାରା ଆଥ୍ଲେଟ୍ଙ୍କ ପଦକ ଜିତିବାକୁ ପ୍ରଧାନମନ୍ତ୍ରୀ ସ୍ମରଣ କରିଛନ୍ତି ।

ସ୍ୱଦେଶୀ ପ୍ରତି ଲୋକଙ୍କ ଉତ୍ସାହ ବୃଦ୍ଧି ପାଉଥିବା ନେଇ ଶ୍ରୀ ମୋଦୀ ସନ୍ତୋଷ ବ୍ୟକ୍ତ କରିଛନ୍ତି। ବିକଶିତ ଭାରତ ସ୍ୱପ୍ନ ପୂରଣ ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ଦେଶ ଆସନ୍ତା ମାସରେ ୭୭ତମ ଗଣତନ୍ତ୍ର ଦିବସ ପାଳନ କରିବ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଏବଂ ସମ୍ବିଧାନ ନିର୍ମାତାଙ୍କ ପ୍ରତି ସମଗ୍ର ଦେଶ କୃତଜ୍ଞତା ଜଣାଇବ।

ଦେଶର ପ୍ରତ୍ୟେକ ଅଞ୍ଚଳର ଲୋକ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ପାର୍ବତୀ ଗିରିଙ୍କର ଭୂମିକାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ଜାନୁଆରୀ ୨୦୨୬ରେ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ କରାଯିବ। ତାଙ୍କର ପ୍ରେରଣାଦାୟକ ଜୀବନ ପ୍ରତ୍ୟେକ ପିଢ଼ିକୁ ମାର୍ଗଦର୍ଶନ କରିବ।

**- V/O - (PM-Parbati Giri)**

ଦେଶବାସୀଙ୍କୁ ସୁସ୍ଥ ଜୀବନଶୈଳୀ ଆପଣେଇବା ଏବଂ ଫିଟ୍ ଇଣ୍ଡିଆ ଅଭିଯାନରେ ସାମିଲ ହେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

୨୦୨୬ ମସିହା ନୂତନ ଲକ୍ଷ୍ୟ, ସଂକଳ୍ପ ଓ ଆତ୍ମବିଶ୍ୱାସର ସହ ଅଗ୍ରସର ହେବାର ବର୍ଷ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**- V/O –**

## ମୁଖ୍ୟମନ୍ତ୍ରୀ–କେନ୍ଦୁଝର

ଛାତ୍ରଛାତ୍ରୀ ଉଚ୍ଚଶିକ୍ଷିତ ହୋଇ ରାଜ୍ୟ ଓ ଦେଶର ବିକାଶରେ ସହାୟକ ହେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି। କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ଶିରିଗିଡ଼ା ପିଏମ୍‌ଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ସରକାର ଜାତୀୟ ଶିକ୍ଷାନୀତି ୨୦୨୦ର ପ୍ରଣୟନ କରିଛନ୍ତି। ପ୍ରତ୍ୟେକ ପଂଚାୟତରେ ପିଏମ୍‌ଶ୍ରୀ ଯୋଜନା ଓ ଐତିହ୍ୟ ବିଦ୍ୟାଳୟ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକାରୀ ହେବ ବୋଲି ଶ୍ରୀ ମାଝୀ କହିଛନ୍ତି।

# - V/O - (CM)

ଶିକ୍ଷାର୍ଥୀମାନଙ୍କୁ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ କରିବା ପାଇଁ ରାଜ୍ୟର ସମସ୍ତ ମାଧ୍ୟମିକ ବିଦ୍ୟାଳୟରେ ଆକାଂକ୍ଷୀ ପାଠ୍ୟକ୍ରମ କାର୍ଯ୍ୟକାରୀ ହେଉଛି । କୋଡିଂ ଦକ୍ଷତା, ପୁସ୍ତକ ସମୀକ୍ଷା ଏବଂ କ୍ରୀଡା ଆଧାରିତ ଜୀବନକୌଶଳ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଉତ୍ତମ ଭିତ୍ତିଭୂମି, ସୁବିଧା ସୁଯୋଗ ଏବଂ ପ୍ରୋତ୍ସାହନ ପ୍ରଦାନ କରାଗଲେ ଛାତ୍ରଛାତ୍ରୀଙ୍କଠାରେ ଥିବା ଲୁକ୍‌କାୟିତ ଗୁଣର ବିକାଶ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଚାଷୀ ସମାବେଶ-ଧର୍ମେନ୍ଦ୍ର ପ୍ରଧାନ

ବିକଶିତ ଓଡ଼ିଶା ଓ ଭାରତର ସ୍ୱପ୍ନ ପୂରଣ ପାଇଁ କୃଷିକୁ କେବଳ ପାରମ୍ପରିକ ପଦ୍ଧତିରେ ସୀମିତ ନ ରଖି ରୋଜଗାରର ମୁଖ୍ୟ ଆଧାର କରିବାକୁ ପଡିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଅନୁଗୁଳ ଜିଲ୍ଲା ବାମୁରଠାରେ ରାଜ୍ୟସ୍ତରୀୟ ଚଷା ମହାସମାବେଶରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ସମାଜର ସାମଗ୍ରୀକ ବିକାଶ ପାଇଁ ସମ୍ମିଳନୀରେ ଅନେକ ଗଠନମୂଳକ ପ୍ରସ୍ତାବ ଆସିବା ସହ ସାମ୍ବିଧାନିକ ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ରୋଜଗାର ଉପରେ ଗୁରୁତ୍ୱାରୋପ କରାଯାଇଛି । ବିଶ୍ୱସ୍ତରରେ ଜୈବିକ ଓ ପ୍ରାକୃତିକ ଚାଷର ଚାହିଦା ବଢୁଥିବାରୁ ଓଡ଼ିଶାର ପନିପରିବା ଓ କୃଷିଜାତ ଦ୍ରବ୍ୟକୁ ବିଦେଶ ବଜାରକୁ ପଠାଇବା ପାଇଁ ଉନ୍ନତ ବ୍ୟବସ୍ଥା କରାଯିବ ।  ଓଡ଼ିଶାରେ ଚାଷ ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏକ ବୃହତ୍ତର ମଂଚରେ ପ୍ରତିଷ୍ଠିତ କରିବା ସହ ସାମ୍ବିଧାନିକ ଅଧିକାର ଓ ସାମାଜିକ ଦାୟିତ୍ୱ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ଧର୍ମେନ୍ଦ୍ର ପ୍ରଧାନ

ଶିକ୍ଷକଙ୍କ ସମ୍ମାନଜନକ ଜୀବନ ହିଁ ରାଷ୍ଟ୍ର ନିର୍ମାଣର ପ୍ରକୃତ ଆଧାରଶିଳା। ଶିକ୍ଷକଙ୍କ ବିକାଶ ପାଇଁ ସରକାର ପ୍ରତିବଦ୍ଧ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଅନୁଗୁଳଠାରେ ଆୟୋଜିତ ଅଖିଳ ଭାରତୀୟ ଶୈକ୍ଷିକ ମହାସଂଘ, ଓଡ଼ିଶା ପ୍ରାନ୍ତର ବାର୍ଷିକ ରାଜ୍ୟ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି,  ନିଜର ତ୍ୟାଗ ଏବଂ ସମାଜ ପ୍ରତି ଥିବା ନିଃସ୍ୱାର୍ଥପର ସମର୍ପଣ  ଶିକ୍ଷକ ସମାଜର ବାସ୍ତବ ପରିଚୟ। ଶିକ୍ଷକତା କେବଳ ଏକ ବୃତ୍ତି ନୁହେଁ, ଏହା ଆଗାମୀ ପିଢ଼ିର ଭବିଷ୍ୟତ ଗଢ଼ିବା ପାଇଁ ଏକ ଦୃଢ଼ ଇଚ୍ଛାଶକ୍ତି। ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକଙ୍କ ସମନ୍ୱୟରେ ସମାଜ ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଇପାରିବ। ନୂଆ ଜାତୀୟ ଶିକ୍ଷାନୀତି ଅଧୀନରେ ଓଡ଼ିଶାରେ ସ୍ୱାଭିମାନ ସ୍ୱାବଲମ୍ବନ ଓ ସଂସ୍କାରଭିତ୍ତିକ ନୂଆ ପାଠ୍ୟପୁସ୍ତକ ପ୍ରଣୟନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

## ସିଇସି-ବିଏଲ୍ଓ ଆଲୋଚନା

ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଆସନ୍ତାକାଲି ଭୁବନେଶ୍ୱରଠାରେ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ସହ ନିର୍ବାଚନ ସମ୍ପର୍କିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବେ। ଖୋର୍ଦ୍ଧା ଏବଂ କଟକ ଜିଲ୍ଲାର ପ୍ରାୟ ୮୦୦ ବୁଥ୍‌ସ୍ତରୀୟ ଅଧିକାରୀ ଏ ନେଇ ଆଲୋଚନାରେ ଅଂଶଗ୍ରହଣ କରିବେ। ଶ୍ରୀ କୁମାର ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ, ନିର୍ବାଚନ କାର୍ଯ୍ୟରେ ସମ୍ପୃକ୍ତ କର୍ମଚାରୀଙ୍କ ସହିତ ତୃଣମୂଳ ସ୍ତରରେ ନିର୍ଭୁଲ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିବେ।

## ଶ୍ରୀମନ୍ଦିର ଭିଡ ନିୟନ୍ତ୍ରଣ

ପୁରୀକୁ ନୂଆବର୍ଷରେ ପର୍ଯ୍ୟଟକଙ୍କ ସମାଗମକୁ ଦୃଷ୍ଟିରେ ରଖି  ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁମାନେ

ଶ୍ରୀଜୀଉଙ୍କୁ ଶୃଙ୍ଖଳିତ ଦର୍ଶନ କରିବା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବାରିକେଡ୍ ବ୍ୟବସ୍ଥା କରାଯାଇଛି। ଡିସେମ୍ବର ୩୧ ଓ ଜାନୁୟାରୀ ୧ ତାରିଖରେ କେବଳ ସିଂହଦ୍ୱାର ଦେଇ ଶ୍ରଦ୍ଧାଳୁମାନେ ପ୍ରବେଶ କରିବା ସହିତ ଅନ୍ୟ ୩ ଦ୍ୱାର ଦେଇ ପ୍ରସ୍ଥାନ କରିବେ। ସୁରକ୍ଷା ଓ ଟ୍ରାଫିକ୍ ପରିଚାଳନା ପାଇଁ ୨୬ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯିବା ସହ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯାଇଛି।

## ଟାଇକୋଣ୍ଡୋ

**ଭଦ୍ରକ**ଠାରେ ଚାଲିଥିବା ଓଡ଼ିଶା ରାଜ୍ୟସ୍ତରୀୟ ୨୨ତମ ଟାଇକୋଣ୍ଡୋ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟର ୧୮ଟି ଜିଲ୍ଲାରୁ ୪୦୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ।